# Akashvani, Sambalpur

## SAMBALPURI NEWS BULLETIN

### 8 January 2025- 6.47- 6.52 am.

*********************************************

ପ୍ରବାସୀ ଭାରତୀୟ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ଜନତା ମଇଦାନଠାନେ ଆଏଜ୍‌ଠାନୁ ୧୮ ନମ୍ବର ପ୍ରବାସୀ ଭାରତୀୟ ଦିବସ୍ ମୁଲ୍ ହେଉଛେ । ୩ ଦିନିଆ କାର୍ଯ୍ୟକ୍ରମ୍‌ର ପହେଲା ଦିନେ ଯୁବ ପ୍ରବାସୀ ଭାରତୀୟ ଦିବସ୍ ସମ୍ମିଲନୀ ହେବା । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଯୁବ ବ୍ୟାପାର୍ ଆର୍ କ୍ରୀଡ଼ା ମନ୍ତ୍ରୀ ମନ୍‌ସୁଖ୍ ଏଲ୍. ମାଣ୍ଡବ୍ୟ, ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ଏସ୍. ଜୟଶଙ୍କର୍, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଅତିଥିମାନେ ଯୋଗ୍‌ଦେବେ । ଇ ଅବ୍‌ସରେ ଜଗତୀକରଣ- କାଳଖଣ୍ଡର ପ୍ରବାସୀ ଯୁବ ନେତୃତ୍ୱ ଆର୍ ଭାରତ୍ ସର୍‌କାର୍‌ଙ୍କର୍ ବୈଦେଶିକ୍ ବ୍ୟାପାର୍ ମନ୍ତ୍ରଣାଳୟ ଆର୍ ଓଡ଼ିଶା ସର୍‌କାର୍‌ଙ୍କର୍ ମିଳିତ ବାଣିଜ୍ୟ ଅଧିବେଶନ୍ ହେବା । ‘ଭାରତ୍‌ର ସର୍ବୋତମ୍ ସୁରକ୍ଷିତ ରହସ୍ୟର ଉନ୍ମୋଚନ’ ବିଷେଥି ଗୁଟେ ଖାସ୍ ଅଧିବେଶନ୍ ଭିଲ୍ ହେବା । ଦିନର୍ ୧୦ ବଜେନୁ ଡିଡି ନ୍ୟୁଜ୍ ଆର୍

ଡିଡି ଓଡ଼ିଆ ଚେନାଲ୍ ଆର୍ ଇତାର୍ ୟୁଟ୍ୟୁବ୍ ଚେନାଲ୍‌ଥି କାର୍ଯ୍ୟକ୍ରମ୍‌ର ସିଧା ପ୍ରସାରଣ୍ ହେବା ।

କେଲେଣ୍ଡର୍ ଉନ୍ମୋଚନ୍ ପିଆଇବି

କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ନୂଆଦିଲ୍ଲୀର୍ ରେଲ୍ ଭବନ୍ ଠାନେ ଗଲାକାଏଲ୍ ଭାରତ୍ ସର୍କାର୍‌ଙ୍କର୍ ୨୦୨୫ ବଛର୍‌ର କେଲେଣ୍ଡର୍ ଉନ୍ମୋଚନ୍ କରିଛନ୍ । ଇତାର୍ ବିଷୟବସ୍ତୁ 'ଜନ୍‌ଭାଗିଦାରୀସେ ଜନ୍‌କଲ୍ୟାଣ୍' ରହିଛେ । ଗଲା ୧୦ ବରସ୍ ଭିତ୍‌ରେ ଦେଶେ ଭିନ୍ ଭିନ୍ କ୍ଷେତ୍ରଥି ପରିବର୍ତନ୍‌ମୂଲକ୍ ଶାସନ୍‌ର ପ୍ରଭାବ୍‌ଶାଳୀ ଦିଗ୍ ଉପ୍‌ରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଆଲୋଚନା କରିଥିଲେ ।

ଫସଲ୍ ହାନି ଭର୍‌ନା ଆଇଏଣ୍ଡ ପିଆର୍

ଗଲା ଲଘୁଚାପ୍‌ଥି ରାଏଜର୍ ୧୬ଟା ଜିଲ୍ଲାନ ହେଇଥିବା ବର୍ଷାକେ ରାଜ୍ୟ ସରକାର ପ୍ରାକୃତିକ୍ ବିପର୍ଯ୍ୟୟ ଘୋଷ୍‌ଣା କରି କରି ରାଜ୍ୟ ବିପର୍ଯ୍ୟୟ ସାହାଜ୍ ପାଣ୍ଠି-ଏସ୍‌ଡିଆର୍‌ଏଫ୍‌ନୁ ଚାଷୀମାନ୍‌ଙ୍କୁ ଫସଲ୍ ନୁକ୍‌ସାନ୍‌ର ଭର୍‌ନା ଦେବାର୍ ମୁଲ୍

କରିଛନ୍ । ଯେନ୍ ଚାଷୀମାନ୍ଙ୍କର ୩୩ ପ୍ରତିଶତ୍ କି ତାର୍ଠାନୁ ଅଏତ୍କା ଫସଲ୍ ନୁକ୍ସାନ ହେଇଛେ ସେମାନ୍ଙ୍କୁ ଭର୍ନା ଦିଆଯାଉଛେ । ଜିଲ୍ଲାପାଲ୍ମାନଙ୍କର୍ ରିପୋର୍ଟ ଅନ୍ସାରେ ୧୬ଟା ଜିଲ୍ଲାର ୬ ଲାକ୍ଷ ୬ ହଜାର ୭ଶହ ୨୦ ଝନ୍ ଚାଷୀଙ୍କର୍ ୨ ଲାକ୍ଷ୍ ୨୬ ହଜାର୍ ୭ ଶହ ୯୧ ହେକ୍ଟର୍ ଫସଲ୍ ନୁକ୍ସାନ୍ ହେଇଛେ । ଏସ୍ଡିଆର୍ଏଫ୍ ପାଣ୍ଠିନୁ ୨ ଶହ ୯୧ କୋଟି ୫୯ ଲାକ୍ଷ ଟଙ୍କାର୍ ଇନ୍ପୁଟ୍ ସବ୍ସିଡି ନୁକ୍ସାନ୍ ସହିଥିବା ଚାଷୀମାନ୍ଙ୍କୁ ଦିଆଯାଉଛେ ବଲି ରାଜସ୍ୱ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଏଚ୍ଏମ୍ପିଭି ଆର୍ଏନ୍ୟୁ/ କଟକ୍

ଓଡ଼ିଶା ନ ଏବ୍ତକ୍ ଝନେ ଭିଲ୍ ଏଚ୍.ଏମ୍.ପି.ଭି. ସଂକ୍ରମିତ ଚିହ୍ନଟ୍ ନାଇଁ ହେଇ । ଦେଶେ ଏଚ୍.ଏମ୍.ପି.ଭି. ସଂକ୍ରମିତ ଠାବ୍ ହେବାର୍ ଉତ୍ରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଠାନେ ହେଇଥିବା ଗୁଟେ ବୈଠକ ହେଇଛେ । ବୈଠକ୍ଥି ମନ୍ତ୍ରୀ ସୂଚ୍ନା ଦେଇକରି କହିଛନ୍ ଯେ, ରାଏଜେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବର୍କସ୍ ରହିଛେ । ହେଥିର୍ଲାଗି କେହି

ନାଇଁ ଡରିକରି ସଚେତନ୍ ରହେବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ଜାତୀୟ ଯୁବ ଦିବସ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ମାସ ନୂଆଦିଲ୍ଲୀ ନ ହେବାର୍‌କେ ଥିବା ଜାତୀୟ ଯୁବ ଦିବସ୍‌ଥି ଓଡ଼ିଶାର୍ ୭୫ ଝନ୍ ଭାଗ୍ ନେବେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଗଲାକାଏଲ୍ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆୟୋଜିତ୍ ଖାସ୍ କାର୍ଯ୍ୟକ୍ରମ୍‌ଥି ଓଡ଼ିଶା ରାଜ୍ୟ ଯୁବ ପ୍ରତିନିଧି ଦଲ୍‌କେ ସମ୍ବୋଧିତ୍ କରିକରି ଦୃଢ଼ ମନୋବଳ ନେଇକରି ଜାତୀୟ ଯୁବ ଉତ୍ସବ୍‌ଥି ରାଜ୍ୟ ଆର୍ ଦେଶ୍ ଲାଗି ଗୌରବ୍ ଆନ୍‌ବାର୍ ଲାଗି ଉତ୍ସାହିତ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି କ୍ରୀଡ଼ା ଆଉ ଯୁବସେବା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଉ କ୍ରୀଡ଼ା ଆଉ ଯୁବସେବା ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ପ୍ରମୁଖ ଯୋଗ୍ ଦେଇକରି ପ୍ରତିଯୋଗୀମାନ୍‌କୁ ଉତ୍ସାହିତ୍ କରିଥିଲେ ।

ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ପୁରୀ ନ ଥିବା ଶ୍ରୀଜଗନ୍ନାଥ୍ ଚେତନା ଗବେଷଣା ତର୍ଫୁ ହେଇଥିବା ୩ ଦିନିଆ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ୍‌କେ ଉଦ୍‌ଘାଟନ୍ କରିଛନ୍ । ଜଗନ୍ନାଥ୍ ସଂସ୍କୃତିକେ ବଂଚେଇ ରଖିବାର୍ ଆମର୍ ସମ୍‌କିରିର୍ ଦାୟିତ୍ୱ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଜଗନ୍ନାଥ୍ ସଂସ୍କୃତିର୍ ପ୍ରଚାର୍ ପ୍ରଚାର୍ ଲାଗି ରାଜ୍ୟ ସର୍‌କାର୍ ଶ୍ରୀଜଗନ୍ନାଥ୍ ମନ୍ଦିର୍ ଲାଗି ୫ ଶହ କୋଟି ଟଙ୍କାର୍ କର୍ପସ୍ ପାଣ୍ଠିର୍ ବ୍ୟବସ୍ଥା କରିଛନ୍ ବଲି ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଥିଲେ ।

ବେଲାଭୂମି ଉଛବ ପୁରୀ ସମ୍ବାଦଦାତା

ପୁରୀ ଜିଲ୍ଲା ପ୍ରଶାସନ୍ ତର୍ଫୁ ସମୁଦ୍ର ଖଣି ଇଲାକା ନ ଗଲାକାଏଲ୍ ବେଲାଭୂମି ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମୁଖିଆ କୁନୁଆ ହିସାବେ ଯୋଗ୍ ଦେଇକରି ମହୋତ୍ସବ୍ ଉଦ୍‌ଘାଟନ୍ କରିଛନ୍ । ଇତାର୍ ଛଡ଼ା ପଲ୍ଲୀଶ୍ରୀ ମେଳା, ଫୁଡ୍ ଫେଷ୍ଟିଭାଲ୍‌କେ ଭି ଉପମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ୍ କରିଛନ୍ । ବେଲାଭୂମି ଉଛବ୍‌ଥି ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ସହେତେ ଡ୍ରୋନ୍ ସୋ’ ହେଇଥିଲା ।

ବର୍‌ଗଡ଼୍ ଧନୁଯାତ୍ରା        ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ଆଏଜ୍ ମଥୁରା ନଗରୀ ନ ଶ୍ରୀକୃଷ୍ଣ ବଳରାମ୍‌ଙ୍କୁ ନିଉତା ଦେବାର୍ ଲାଗି ଅକ୍ରୁରଙ୍କୁ ଗୋପପୁର ପଠାବାର୍, ମହାରାଜ୍ କଂସଙ୍କର୍ ନଗର ବୁଲା, ଦୁର୍ଗାମନ୍ଦିର୍ ନ ଦୁର୍ଗାସ୍ତୁତି, ରାଜ ଦର୍‌ବାର୍ ନ ନ୍ୟାୟ ବିଚାର୍ ଦୃଶ୍ୟ ଦେଖ୍‌ବାର୍‌କେ ମିଲ୍‌ବା । ସେଆଡ଼େ ଗୋପପୁର୍ ନ ଗୋପୀମାନ୍‌କର୍ ଦହି ବିକା ଆର୍ ରାଧାକୃଷ୍ଣଙ୍କର୍ ନାବକେଳି, ଶଙ୍ଖଚୂଡ଼୍ ବଧ ଆର୍ ନନ୍ଦ ଦର୍‌ବାରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା ।

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ-ପ୍ରବାସୀ ଭାରତୀୟ ଦିବସ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ଭୁବ୍‌ନେଶ୍ୱର୍ ବେହେରା କେନ୍ଦ୍ରୀୟ ପାଠାଗାର୍ ନ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ପାଳିତ୍ ହେଇଯାଇଛେ । ସଭାଥି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ବିଧୂଭୂଷଣ୍ ମିଶ୍ର ଆର୍ କୁଳସଚିବ ଡକ୍ଟର୍ ନୃପରାଜ୍ ସାହୁ ଅତିଥି ଭାବେ  ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ବିତର୍କ ଆର୍ ପ୍ରବନ୍ଧ

ଲିଖନ୍ ପ୍ରତିଯୋଗିତା ହେଇଥିଲା ଆର୍ କୃତି ପ୍ରତିଯୋଗୀମାନ୍‌କୁ ଅତିଥି ମାନେ ପୁରସ୍କାର୍ ଦେଇଥିଲେ ।

ସୁବର୍ଣ୍ଣ ଲୋକ ମହୋତ୍ସବ ସୁବର୍ଣ୍ଣପୁର ସମ୍ବାଦଦାତା

ସୋନପୁର ରାମେଶ୍ୱର ଷ୍ଟାଡିୟମ୍ ଠାନେ ଚାଲିଥିବା ସୁବର୍ଣ୍ଣ ଲୋକ ମହୋତ୍ସବର ଦୁଇ ନମ୍ବର ସନ୍ଧ୍ୟାନେ ଗଲାକାଏଲ୍ ଫକୀର ପଟ୍ଟନାୟକ ମଚାନ୍ ରାଏଜ୍ ଆର୍ ରାଏଜ୍ ବାହାରର୍ ପାରମ୍ପରିକ୍ ଲୋକ୍‌ବାଦ୍ୟ ଆର୍ ନୃତ୍ୟଥି ଦୁଲ୍‌କି ଉଠିଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ସୁବ୍ରତ ପଣ୍ଡା ଯୋଗ ଦେଇକରି ସୁବର୍ଣ୍ଣପୁର ମାଏଟ୍ ଓଡ଼ିଶାର୍ ସଂସ୍କୃତିର୍ ନାଭିକେନ୍ଦ୍ର ବଲି କହିଛନ୍ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ୨ ଟା ମେଚ୍ ଖେଲାଯିବା । ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ସଞ୍ଜ୍‌ବେଲା ୬ ବେଲା ଟିମ୍ ଗୋନାସିକା ଆର୍ ତାମିଲ୍‌ନାଡୁ ଡ୍ରାଗନ୍ସ ଭିତ୍‌ରେ ମେଚ୍ ହେବା । ୨ ନମ୍ବର୍ ମେଚ୍

ରାତିର୍ ୮ ବାଜିକରି **୧୫** ମିନିଟ୍‌ଥି ୟୁପି ରୁଦ୍ରାସ୍ ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଭିତ୍‌ରେ ହେବା ।